# ମୋର ଅମୃତସରରେ ପ୍ରାର୍ଥୀତ୍ୱ ।

ତା.୧୬.୦୩.୨୦୧୪

**ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା, ରାଜ୍ୟସଭା**

ଆଗାମୀ ଲୋକସଭା ନିର୍ବାଚନ ପାଇଁ ମୋତେ ଅମୃସରରେ ପ୍ରାର୍ଥୀତ୍ୱ ଜାହିର କରିବାର ସୁଯୋଗ ଦେଇଥିବାରୁ ମୁଁ ଭା.ଜ.ପା ଉପରେ ଅତ୍ୟନ୍ତ କୃତଜ୍ଞ । ୧୯୭୦ ମସିହାରୁ ମୁଁ ଦେଶର ରାଜନୀତି ସହ ଓତଃପ୍ରୋତଃ ଭାବରେ ଜଡ଼ିତ ଓ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ମଧ୍ୟ ଏକ ସଭ୍ୟ ଥିଲି । ଦିଲ୍ଲୀ ବିଶ୍ୱବିଦ୍ୟାଳୟ ନିର୍ବାଚନରେ ମୁଁ ଅଂଶ ଗ୍ରହଣ କରିବା ସହ ଜୟ ପ୍ରକାଶ ନାରାୟଣଙ୍କ ଜରୁରୀକାଳୀନ ପରିସ୍ଥିତି ଘୋଷଣା ସମୟରେ ଯେଉଁ ଆନ୍ଦୋଳନ କରାଯାଇଥିଲା ସେଥିରେ ଭାଗ ନେଇ ଦୀର୍ଘ ୧୯ ମାସ ପାଇଁ କାରାଗାରରେ ଥିଲି । ୧୯୮୦ ମସିହାରେ ବି.ଜେ.ପି ପ୍ରତିଷ୍ଠା ହେବା ଦିନରୁ ହିଁ ମୁଁ ବି.ଜେ.ପି ର ସଦସ୍ୟ । ମୋର ପୂର୍ଣ୍ଣ ଭାବରେ ରାଜନୀତିରେ ଅଂଶ ଗ୍ରହଣ କରିବାର ଇଚ୍ଛା ନଥିଲା । ତେଣୁ ମୁଁ ୧୯୭୭ ମସିହାରେ ଆଇନ ଅଭ୍ୟାସ କାର୍ଯ୍ୟରେ ମନୋନିବେଶ କରିଥିଲି ଓ ୧୯୯୦ ମସିହା ବେଳକୁ ମୁଁ ଏକ ବରିଷ୍ଟ ଓକିଲ ହୋଇଯାଇଥିଲି । ୧୯୮୦ ମସିହାରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଓ ପ୍ରବକ୍ତା ଭାବରେ ମୁଁ ବି.ଜେ.ପି ର ପ୍ରଚାରର ଦାୟିତ୍ୱରେ ଥିଲି । ୧୯୯୯ ମସିହାରେ ଯଦିଓ ମୁଁ ଏକ ସାଂସଦ ନଥିଲି କିନ୍ତୁ ମାନନୀୟ ଅଟଳ ବିହାରୀ ବାଜପେୟୀ ଓ ଶ୍ରୀ ଏଲ.କେ ଆଡ଼ଭାନୀଙ୍କ ଅନୁରୋଧ କ୍ରମେ ମୁଁ ମାତ୍ର ୬ ମାସ ମଧ୍ୟରେ ଗୁଜୁରାଟରୁ ରାଜ୍ୟସଭାର ସଭ୍ୟ ଭାବରେ ମନୋନୀତ ହୋଇ ଆସି ଆଇନ ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କଲି ଓ ସେବେଠାରୁ ପାର୍ଲିଆମେଣ୍ଟରେ ମନ୍ତ୍ରୀ ଭାବରେ, ଦଳର ସାଧାରଣ ସମ୍ପାଦକ ଭାବରେ ବା ବିରୋଧୀ ଦଳର ନେତା ଭାବରେ ରହି ଆସିଅଛି । ହେଲେ ମୁଁ କେବେ ମଧ୍ୟ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାର ସୁଯୋଗପାଇନାହିଁ । ବର୍ତ୍ତମାନ ପାର୍ଟି ମୋତେ ଅମୃତସର ଯେଉଁ ସହରକୁ ମୁଁ ପ୍ରାଣଭରି ଭଲପାଏ, ସେଠାରେ ଲଢ଼ିବାର ସୁଯୋଗ ଦେଇଅଛି । ଅମୃତସର ଉତ୍ତର ଭାରତର ଏକ ପ୍ରସିଦ୍ଧ ସହର ଓ ଉତ୍ତର ଭାରତର ପ୍ରାଣକେନ୍ଦ୍ର । ମୋ ମାଆ ମଧ୍ୟ ଅମୃତସରର ଝିଅ ଓ ସେଠାରେ ମଧ୍ୟ ବଡ଼ ହୋଇଛନ୍ତି । ମୋ ଭଉଣୀ ମଧ୍ୟ ସେଠାରେ ଜନ୍ମ ହୋଇଅଛି ଏବଂ ମୋ ପତ୍ନୀ ମଧ୍ୟ ଜାମ୍ମୁ କାଶ୍ମୀରର ହୋଇଥିବା ବେଳେ ତାଙ୍କର ଜନ୍ମ ମଧ୍ୟ ଅମୃତସରରେ ଅଟେ । ଅମୃତସର ମୋ ଅଜାଙ୍କ ଘର ହୋଇଥିବାରୁ ମୁଁ ପିଲା ଦିନରୁ ଅମୃତସରକୁ ଯାଏ

ଓ ନିର୍ବାଚନ ପ୍ରଚାର କାର୍ଯ୍ୟରେ ମଧ୍ୟ ସେଠାକୁ ଯାଏ । ତେଣୁ ସେଠାରେ ନିର୍ବାଚନ ଲଢ଼ିବା ମୋ ପାଇଁ ଏକ ଗର୍ବର ବିଷୟ ।

ମୁଁ ନବଜିତ ସିଂହ ସିଦ୍ଧୁଙ୍କୁ ମୋତେ ସହାୟତା କରିବା ନେଇ ଗଭୀର କୃତଜ୍ଞତା ପ୍ରକାଶ କରୁଅଛି । ତାଙ୍କ ସହ ମୋର ସମ୍ପର୍କ ଅତ୍ୟନ୍ତ ଘନିଷ୍ଠ । ଯାହାକି ରାଜନୈତିକ ସମ୍ପର୍କଠାରୁ ବହୁତ ଉର୍ଦ୍ଧ୍ୱରେ । ଯାହା ଫଳରେ ମୁଁ ଅମୃତସରରେ ଲଢ଼ିବାର ସୁଯୋଗ ଲାଭ କରିପାରିଛି ଓ ତାଙ୍କୁ କୁରୁକ୍ଷେତ୍ର ଓ ପଶ୍ଚିମ ଦିଲ୍ଲୀ ଭଳି ଆସନରୁ ଲଢ଼ିବା ପାଇଁ ବାଧ୍ୟ କରାଯାଉଅଛି । ହେଲେ ତାଙ୍କ ସ୍ୱଭାବରୁ ତାଙ୍କର ଗାମ୍ଭୀର୍ଯ୍ୟ ଓ ମହାନତା ସ୍ପଷ୍ଟ ପ୍ରତୀୟମାନ ହୁଏ । ଯାହାକି ପ୍ରତ୍ୟେକ ରାଜନୀତିଜ୍ଞଙ୍କ ପାଇଁ ଗ୍ରହଣୀୟ ଅଟେ । କ୍ରିକେଟର ଏକ ଦକ୍ଷ ବ୍ୟାଟସମ୍ୟାନ ହୋଇଥିବା ବେଳେ ବର୍ତ୍ତମାନ ସେ ମୋତେ ନିଜ ବୋଲିଂ ମାଧ୍ୟମରେ ମୋତେ ଏଭଳି ସ୍ଥାନକୁ ପହଞ୍ଚାଇ ପାରିଛନ୍ତି ।